## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ରାଇକୁଳା ସାମିଲ

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକର ରାଇକୁଳା ଜଳଦାର ଡୁଟୋ, ଶ୍ୟାମସୁନ୍ଦରପୁର ଗଣ୍ଡିବେଡ ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ତାଲିକାରେ ସାମିଲ ହୋଇଛି। ଏନେଇ ରାଇକୁଳା ଗ୍ରାମରେ ମଙ୍ଗଳ ସମ୍ପ୍ରସାରଣ ଅଧୀକାରୀ ତ୍ରିଦେବ ସୁନ୍ଦର ବରାଳଙ୍କ ଆବହକତ୍ୱରେ ଗ୍ରାମ କମିଟି ଗଠନ ଓ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧକ୍ଷା ଭାବେ ସରପଞ୍ଚ ଦମୟନ୍ତୀ ପଣ୍ଡା, ନିର୍ବାହୀ ଅଧିକାରୀ ହେମନ୍ତ ସାମଲ, ଗ୍ରାମ ରୋଜଗାର ସେବକ ପ୍ରକାଶ ବେହେରା, ଯୁବନେତା ମାନସ ଦାଶ, ଆଶା, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଫିଲ୍ମ ଷ୍ଟାଇଲରେ ଅଳଙ୍କାର ଲୁଟିଲେ

ଜଳେଶ୍ୱର, ୨୨।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଉପାନ୍ତ ଜଳେଶ୍ୱରରେ ଶୁକ୍ରବାର ମଧାହ୍ନରେ ଫିଲ୍ମ ଷ୍ଟାଇଲରେ ଜଣେ ମହିଳାଙ୍କଠାରୁ ୬ହଜାର ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଛି। ବଡ଼ବଜାର ନିକଟରେ ଜଳେଶ୍ୱର ଥାନା ଅଧୀନ ନନ୍ଦିକା ଗାଁର ସ୍ନେହଲତା ଭଞ୍ଜ ନାମ୍ନୀ ମହିଳା ନିଜର ପେନ୍ସନ ଉଠାଇ ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ୨ଜଣ ଯୁବକ ଏକ ଆପାଚି ଗାଡ଼ିରେ ତାଙ୍କଠାରେ ପହଞ୍ଚି ସେମାନେ ପୋଲିସ ବୋଲି ପରିଚୟ ଦେଇଥିଲେ। ଆଗରେ ଏକ ଲୁଟ୍ ଘଟଣା ସମ୍ପର୍କରେ କହି ମହିଳାଜଣଙ୍କୁ ବିଶ୍ୱାସ ଜନ୍ମାଇ ସେ ପିନ୍ଧିଥିବା ସୁନା ଅଳଙ୍କାର ବ୍ୟାଗ୍‌ରେ ରଖିବା ଲାଗି ଦୁର୍ବୃତ୍ତମାନେ କହିଥିଲେ। ମହିଳାଜଣକ ସେମାନଙ୍କୁ ବିଶ୍ୱାସ କରି ନିଜର ଚେନ୍ ଓ ମୁଦି ଖୋଲି ବ୍ୟାଗ୍‌ରେ ରଖିଥିଲେ। ଏହାର ସୁଯୋଗ ନେଇ ଯୁବକଦ୍ୱୟ ବ୍ୟାଗ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ପରେ ମହିଳା ଜଣକ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି।

### ବିଦେଇପୁର ସରପଞ୍ଚ ଉପନିର୍ବାଚନ: ମଇଦାନରେ ୩ ପ୍ରାର୍ଥୀ

ବାସୁଦେବପୁର,୨୨।୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସରପଞ୍ଚ ଉପନିର୍ବାଚନ ଆସନ୍ତା ଫେବୃୟାରୀ ୧୧ରେ ହେବାକୁ ଥିବାବେଳେ ନିର୍ବାଚନ ମଇଦାନରେ ୩ ପ୍ରାର୍ଥୀ ଥିବା ସୂଚନା ମିଳିଛି। ୩ ପ୍ରାର୍ଥୀ ହେଲେ ଭାଜପା ସମର୍ଥିତ ଅଜୟ ମଲିକ, ବିଜେଡି ସମର୍ଥିତ ଶାନ୍ତିଲତା ଜେନା ଓ କଂଗ୍ରେସ ସମର୍ଥିତ ସସ୍ମିତା ରାୟ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନରେ ପ୍ରାର୍ଥିପତ୍ର ଦାଖଲ କରିଥିବା ରଶ୍ମିରଞ୍ଜନ ଜେନା ପ୍ରତ୍ୟାହାର କରି ନେଇଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡିଓ ପ୍ରଣବ କୁମାର ବେହେରାଙ୍କ ସୂତ୍ରରୁ ପ୍ରକାଶ। ସରପଞ୍ଚ ଉପନିର୍ବାଚନ ପାଇଁ ଏହି ୩ ପ୍ରାର୍ଥୀଙ୍କ ମଧରେ ଲଢ଼େଇ ହେବାକୁ ଯାଉଥିବା ବେଳେ ୩ ପ୍ରମୁଖ ରାଜନୈତିକ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ବୋଲି ଚର୍ଚ୍ଚା ହେଉଛି। ତେବେ ବିଦେଇପୁର ପଞ୍ଚାୟତରେ ଏ ନେଇ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି।

### ନାବାଳିକା ଅପହରଣ ମାମଲା: ୨ ଗିରଫ

ପଦ୍ମପୁର,୨୨।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ନାବାଳିକା ଅପହରଣ ମାମଲାରେ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର କାହ୍ନୁଚରଣ ଜେନା ଓ ତାଙ୍କ ସମ୍ପର୍କୀୟ ସୁଶାନ୍ତ କୁମାର ଜେନା। ଏ ନେଇ ଥାନାରେ ଏକ ମାମଲା(ନଂ.୩୦/୨୧) ରୁଜୁ ହୋଇଥିବା ବେଳେ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କାହ୍ନୁଚରଣ ତାଙ୍କ ସମ୍ପର୍କୀୟଙ୍କ ସହଯୋଗରେ ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୧୯ ତାରିଖରେ ଅପହରଣ କରି ନେଇଥିଲେ। ଏ ନେଇ ଅପହୃତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାୟକାଣିଡିହୀ ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ ତଦନ୍ତ ପୂର୍ବକ ଅଭିଯୁକ୍ତ କାହ୍ନୁଚରଣ ଓ ତାଙ୍କ ସମ୍ପର୍କୀୟ ସୁଶାନ୍ତଙ୍କୁ ବଳରାମପୁରରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

### ଭୂମିହୀନଙ୍କୁ ଜମି ପଟ୍ଟା

ଝୁମ୍ପୁରା, ୨୨।୧(ଡି.ଏନ.ଏ): ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ କେନ୍ଦୁଝର ଜିଲା ଝୁମ୍ପୁରା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଝୁମ୍ପୁରା ତହସିଲର ୪ଟି ରାଜସ୍ୱ ସର୍କଲ ଝୁମ୍ପୁରା, ଗୁମୁରା, ଚଉଠିଆ ଓ ବାଲିବନ୍ଧରେ ରହିଥିବା ୬୪ ଭୂମିହୀନ ପରିବାରକୁ ଚଳିତବର୍ଷର ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ଜମି ମାପଚୁପ କରିବା ସହିତ ଜମିପଟା ପ୍ରସ୍ତୁତ ହୋଇ ରହିଥିଲା। ଝୁମ୍ପୁରା, ଗୁମୁରା ଓ ଚଉଠିଆ ରାଜସ୍ୱ ସର୍କଲରେ ରହିଥିବା ୪୦ ପରିବାରକୁ ପଟା ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି, ଅତିରିକ୍ତ ତହସିଲଦାର କ୍ରେସେନିଆ ତିର୍କୀ, ତହସିଲ ସୁପରଭାଇଜର ଭୁବନାନନ୍ଦ ନାଏକ, କିରାଣି ପ୍ରଭାକର ନାଏକ, ଝୁମ୍ପୁରା ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ, ଗୁମୁରା ରାଜସ୍ୱ ନିରୀକ୍ଷକ ଅଜୟ ଦାସ, ଚଉଠିଆ ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ମହାନ୍ତ ଏବଂ ବାଲିବନ୍ଧ ରାଜସ୍ୱ ନିରୀକ୍ଷକ ସୋନାଲି ସେଠୀ ଉପସ୍ଥିତ ଥିଲେ।

# ରାଜସ୍ୱ କାର୍ଯ୍ୟାଳୟରେ ଅଣ କର୍ମଚାରୀ

ବାରିପଦା ଅଫିସ,୨୨।୧

ମୟୂରଭଞ୍ଜ ଜିଲା ବାରିପଦାର ମୁର୍ଗାବାଡ଼ିସ୍ଥିତ ରାଜସ୍ୱ କାର୍ଯ୍ୟାଳୟରେ ବୁଧବାର ତାଲା ଝୁଲୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜସ୍ୱ ନୀରିକ୍ଷକ(ଆର୍‌ଆଇ) କିମ୍ବା ଅତିରିକ୍ତ ଆର୍‌ଆଇ ଅନୁପସ୍ଥିତ ଥିବା ବେଳେ ଅବସରପ୍ରାପ୍ତ ଅମୀନ ଓ ଜଣେ ବ୍ୟକ୍ତି କାର୍ଯ୍ୟାଳୟର ଭିତରପଟୁ ତାଲା ପକାଇ ବସିଥିବା ଦେଖିବାକୁ ମିଳିଥିଲା। ରାଜସ୍ୱ ଆଦାୟ ପାଇଁ ଏହି ଅଣ କର୍ମଚାରୀ ଦ୍ୱୟ ଖଜଣା କାଟୁଥିବା ବେଳେ ସରକାରୀ କାଗଜପତ୍ର କାର୍ଯ୍ୟ ମଧ କରୁଥିଲେ। ତେବେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସୁଥିବା ଜନସାଧାରଣ ସେବା ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ଗଣମାଧମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ଆର୍‌ଆଇଙ୍କ ସହ ଯୋଗାଯୋଗ କରିଥିଲେ। ଏସଂକ୍ରାନ୍ତରେ ଆରଆଇ ତନ୍ମୟ ସାହୁ କୁହନ୍ତି, ଏକ ଜାଗା ଚିହ୍ନଟ ପାଇଁ ତକତପୁର ଅଞ୍ଚଳକୁ ଆସିଛି। ତେବେ ଅଫିସ ଭିତରେ ଥିବା ଅଣକର୍ମଚାରୀଙ୍କ ଉପସ୍ଥିତିକୁ ନେଇ ସେ କୌଣସି ଉତ୍ତର ଦେଇ ନ ଥିଲେ।

ତେବେ ଶୁଳିଆପଦା ବ୍ଲକ ଅଞ୍ଚଳର ସମ୍ପୃକ୍ତ ଅଣକର୍ମଚାରୀ ସାହେବ ମହାନ୍ତ କୁହନ୍ତି, ଆର୍‌ଆଇ ମୋତେ ଡାକି ଅଫିସ କାର୍ଯ୍ୟରେ ନିୟୋଜିତ କରିଛନ୍ତି। କୋଭିଡ୍ କଟକଣାକୁ କୋହଳ କରାଯାଇ ସମସ୍ତ କର୍ମଚାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଥିଲେ ମଧ କାର୍ଯ୍ୟାଳୟରେ ତାଲା ଝୁଲିବା, ଆର୍‌ଆଇ କିମ୍ବା ଏଆର୍‌ଆଇଙ୍କ ଅନୁପସ୍ଥିତିରେ ଜନୈକ ଅବସରପ୍ରାପ୍ତ ଅମୀନ ଓ ଅଣକର୍ମଚାରୀ ଖଜଣା ଆଦାୟ କରିବା ତଦନ୍ତ ସାପେକ୍ଷ। ଆର୍‌ଆଇଙ୍କ ସାକ୍ଷାତ ପାଇଁ ଆସୁଥିବା ଲୋକମାନେ ତାଲା ଝୁଲୁଥିବା ଏହି କାର୍ଯ୍ୟାଳୟର ନିତିଦିନିଆ ଘଟଣା ବୋଲି କହିଛନ୍ତି। ଆର୍‌ଆଇ ଅଫିସ କାର୍ଯ୍ୟରେ ବାହାରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଅଫିସକୁ ଫେରୁ ନ ଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଫିସ କାର୍ଯ୍ୟ ସମୟରେ କର୍ମଚାରୀମାନେ ରହୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଜାତି ସାର୍ଟିଫିକେଟ ଓ ଜମିଜମା ସଂକ୍ରାନ୍ତୀୟ କାଗଜପତ୍ର ପାଇଁ ଲୋକମାନେ ହଇରାଣ ହରକତ ହେଉଛନ୍ତି। ତେବେ ସରକାରୀ କାର୍ଯ୍ୟାଳୟ ମଧରେ ବସି ଅଫିସ କାର୍ଯ୍ୟ ତୁଲାଉଥିବା ଅଣକର୍ମଚାରୀ ଜଣଙ୍କୁ କିଏ ନିଯୁକ୍ତି ଦେଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନଙ୍କୁ ପଚାରିବାରୁ ଫିଲ୍ଡ କାମ କରିବାକୁ ଅଫିସରମାନେ ଯାଉଥିବା ବେଳେ କର୍ମଚାରୀ ଅଭାବରୁ କାର୍ଯ୍ୟାଳୟରେ ତାଲା ପଡୁଛି। ତେବେ ସରକାରୀ କାର୍ଯ୍ୟାଳୟରେ ଥିବା ଅଣ କର୍ମଚାରୀଙ୍କ ସମ୍ପର୍କରେ ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଜିଲାରେ ରାଜସ୍ୱ ବିଭାଗର ଏପରି କାର୍ଯ୍ୟକଳାପକୁ ଲୋକେ ନାପସନ୍ଦ କରୁଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି।

## ସଙ୍ଗୀତ ନାଟକ ଏକାଡେମୀରେ କେନ୍ଦୁଝରର କଣ୍ଢେଇ ନୃତ୍ୟଶିଳ୍ପୀ



କଣ୍ଢେଇ ନୃତ୍ୟ ଶିଳ୍ପୀ ଚକ୍ରଧର ପରିଡା।

କେନ୍ଦୁଝର, ୨୨।୧(ସ୍ୱ.ପ୍ର.)

ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀରେ କେନ୍ଦୁଝରର କଣ୍ଢେଇ ନାଚକୁ ଗୁରୁତ୍ୱ ମିଳିଛି। ଏକାଡେମୀର ନୂତନ ସାଧାରଣ ପରିଷଦରେ କେନ୍ଦୁଝର ଜିଲାର ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ସଂସ୍ଥାର ପ୍ରତିଷ୍ଠାତା ତଥା ନୃତ୍ୟ ଶିଳ୍ପୀ ଚକ୍ରଧର ପରିଡାଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।

କେନ୍ଦୁଝର ଜିଲାର କାଠି କଣ୍ଢେଇ ନାଚ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଲାଭ କରିଛି। ଏହି ନିଆରା କଣ୍ଢେଇ ନାଚ ଅବହେଳିତ ହୋଇ ରହିଥିବା ବେଳେ ଏହାର ବିକାଶ ଲାଗି ସେ ଉଦ୍ୟମ କରିବେ ବୋଲି ଚକ୍ରଧର କହିଛନ୍ତି। କଣ୍ଢେଇ ନୃତ୍ୟ କଳାକୁ ବଞ୍ଚାଇ ରଖିବା ପାଇଁ ସେ ଦୀର୍ଘ ବର୍ଷ ହେଲା ପ୍ରୟାସ ଚଳାଇଆସିଛନ୍ତି। ଆଜିକାର ମହଙ୍ଗା ଯୁଗରେ ବିନା ପ୍ରୋତ୍ସାହନରେ କଣ୍ଢେଇ ନୃତ୍ୟକୁ ବଜାୟ ରଖିବା କଷ୍ଟସାଧ ହୋଇ ପଡିଛି। ଅପରପକ୍ଷରେ ସିନେମା, ଟିଭି ଓ ମୋବାଇଲ ଯୁଗରେ ଏଭଳି ଲୋକ କଳା ଲୋକାଦୃତ୍ତ ହୋଇପାରୁନାହିଁ। ତେବେ ପ୍ରୋତ୍ସାହନ ମିଳିଲେ ଏହାକୁ ଆଧୁନିକତାର ଛାପ ଦେଇ ପରିବେଷଣ କରିହେବ ବୋଲି ସେ କୁହନ୍ତି। ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଚକ୍ରଧରଙ୍କୁ ଶୁଭେଚ୍ଛା ଜଣାଇବା ସହ କଣ୍ଢେଇ ନୃତ୍ୟ କଳାର ବିକାଶ ପାଇଁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି କହିଛନ୍ତି।

## ୧୩୯୬.୮୫ ଲକ୍ଷ ଟଙ୍କାର ପ୍ରସ୍ତାବ ଅନୁମୋଦନ




ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

### ଜିଲା ଯୋଜନା କମିଟି ବୈଠକ

ଭଦ୍ରକ ଅଫିସ/ଚାନ୍ଦବାଲି, ୨୨।୧(ଡି.ଏନ.ଏ.)

ଭଦ୍ରକ ଜିଲା ଯୋଜନା କମିଟିର ବାର୍ଷିକ ବଜେଟ ବୈଠକ ଶୁକ୍ରବାର ଚାନ୍ଦବାଲି ସ୍ଥିତ ବିଜୁସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏଥିରେ ଅଧକ୍ଷତା କରିଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ, ସଞ୍ଜୀବ ମଲ୍ଲିକ ଓ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ଯୋଜନା କମିଟିର ସଦସ୍ୟ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲାରେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ବାର୍ଷିକ ଯୋଜନାର ଖସଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଦାସଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଚଳିତବର୍ଷ ଜିଲାରେ ୧୩୯୬.୮୫ ଲକ୍ଷ ଟଙ୍କାର ପ୍ରସ୍ତାବ ଅନୁମୋଦନ କରାଯାଇଥିବା ସୂଚନା ମିଳିଛି।

ଏହି ଯୋଜନାରେ କୃଷି ଓ ଏହାସହିତ ଅନୁବନ୍ଧିତ ବିଭାଗ ପାଇଁ ୭୧୨୦.୧୦ ଲକ୍ଷ, ଗ୍ରାମାଞ୍ଚଳ ଉନ୍ନୟନ ଲାଗି ୧୨୪୧୩.୪୬ ଲକ୍ଷ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବାବଦକୁ ୯୭୪୩.୫୪ ଲକ୍ଷ, ଶକ୍ତି ବିଭାଗ ନିମନ୍ତେ ୧୩.୨୨ ଲକ୍ଷ, ଶିଳ୍ପ ପାଇଁ ୧୦୭.୩୯ ଲକ୍ଷ, ପରିବହନ ସେବା ନିମନ୍ତେ ୧୩୨୩୭.୩୦ ଲକ୍ଷ, ବିଜ୍ଞାନ କାରିଗରୀ ଓ ପରିବେଶ ପାଇଁ ୧୩୬.୮୮ ଲକ୍ଷ, ସାଧାରଣ ଆର୍ଥିକ ସେବା ନିମନ୍ତେ ୧୪୦୨ ଲକ୍ଷ, ସାମାଜିକ ସେବା ନିମନ୍ତେ ୯୫୫୧୬.୯୬ ଲକ୍ଷ ଟଙ୍କା ଅଟକଳର ବଜେଟ୍ ଖର୍ଚ୍ଚ କରାଯିବା ପାଇଁ ବୈଠକରେ ସ୍ଥିର ହୋଇ ସରକାରୀ ଅନୁମୋଦନ ଉଦ୍ଦେଶ୍ୟରେ ପଠାଯାଇଥିଲା। ଜିଲା ଯୋଜନା କମିଟି ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଜିଲାର ବିଭିନ୍ନ ସହଯୋଗୀ ବିଭାଗର ମୁଖ୍ୟ ବୈଠକରେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପୂର୍ବରୁ ଜିଲା ଯୋଜନା କମିଟି ଅଧକ୍ଷ ରାୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଆଦର୍ଶ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

## ଜେଲ ଗଲେ ପୁଅବୋହୂ

### ଦମ୍ପତିଙ୍କ ମୃତ୍ୟୁ ଘଟଣା

ଭୋଗରାଇ, ୨୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚକଫୁଲବଣୀ ଗ୍ରାମର ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ଥାନାରେ ଅଟକ ଥିବା ବୋହୂ ପୁଅଙ୍କୁ ଶୁକ୍ରବାର ଜଳେଶ୍ୱର କୋର୍ଟଚାଲାଣ କରାଯାଇଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅର୍ଥାଭାବ ଓ ଘରୋଇ କଳହରୁ କାହ୍ନୁ ମଣ୍ଡଳ (୮୦) ଓ ତାଙ୍କ ସ୍ତ୍ରୀ ବାସନ୍ତୀ (୭୨) ବୁଧବାର ରାତିରେ ଗ୍ରାମର ଅନତି ଦୂରରେ ଥିବା ଏକ ପୋଖରୀ ହୁଡ଼ାରେ ବିଷପାନ କରି ଆତ୍ମହତ୍ୟା କରିଥିବା କୁହାଯାଇଥିଲା। ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ପୁଅ ଶଶିକାନ୍ତ (୪୮) ଓ ବୋହୂ ଶାନ୍ତିଲତା (୪୨)ଙ୍କ କାର୍ଯ୍ୟ ସନ୍ଦେହଜନକ ଥିବାରୁ ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ମୃତ ବୃଦ୍ଧ କାହ୍ନୁ ମଣ୍ଡଳଙ୍କ ପ୍ରଥମ ସ୍ତ୍ରୀ ଦୁଇବର୍ଷ ପୂର୍ବରୁ ଆତ୍ମହତ୍ୟା କରିଥିବା ବେଳେ ତାଙ୍କର ଜଣେ ପୁଅ ଓ ଝିଅ ଥିଲେ। ଦ୍ୱିତୀୟ ସ୍ତ୍ରୀର ଦୁଇଝିଅ ବିବାହିତା ହୋଇଥିବା ବେଳେ ଘରେ ବାରମ୍ବାର କଳହ ଲାଗି ଆସୁଥିଲା। ବୃଦ୍ଧ ଦମ୍ପତିଙ୍କୁ ନିର୍ଯାତନା ଅଭିଯୋଗରେ ପୋଲିସ ପୁଅବୋହୂଙ୍କ ନାମରେ ମାମଲା (ନଂ. ୧୯/୨୧) ରୁଜୁ କରି ବିଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ଟୋଲ୍‌ଗେଟ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା




ବାଲେଶ୍ୱର ସେରଗଡ଼ସ୍ଥିତ ଟୋଲପ୍ଲାଜାରେ ଅଧିକାରୀମାନେ ସଚେତନ କରାଉଛନ୍ତି।

ରାଇବଣିଆ/ରେମୁଣା, ୨୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ଜଳେଶ୍ୱର ନିକଟ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଡ୍ରାଇଭର, ହେଲପର ଓ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। କାର୍ଯ୍ୟକ୍ରମକୁ ଟୋଲଗେଟ୍‌ର ମୁଖ୍ୟ ନାରାୟଣ ଚନ୍ଦ୍ର ପାତ୍ର ପରିଚାଳନା କରିଥିବାବେଳେ ଜିକେ ଭଞ୍ଜର ହସ୍ପିଟାଲର ଡା. ସଞ୍ଜୟ ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଦୀପକ ରଞ୍ଜନ ତରାଇ, ବାଲେଶ୍ୱର ରକ୍ତଭଣ୍ଡାର ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ଶ୍ରବଣ ଠାକୁର, ଜଗଦୀଶ ରାଓ, ସମାଜସେବୀ ସୁଦାମ ଚରଣ ପାତ୍ର ଓ ରୂପେଶ ସିଂହ ଉପସ୍ଥିତ ରହି ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଧୀରେ ଗାଡ଼ି ଚଳାଚଳ କରିବା ସହ ସିଟ୍ ବେଲ୍ଟ ବାନ୍ଧିବା, ମୁହଁରେ ମାସ୍କ ଲଗାଇବା, ସାନିଟାଇଜର ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବାଲେଶ୍ୱର ସେରଗଡ଼ସ୍ଥିତ ଟୋଲପ୍ଲାଜା ନିକଟରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳବେହେରା ଉପସ୍ଥିତ ସମସ୍ତଙ୍କୁ ପ୍ରସ୍ତାବିତ ସଡ଼କ ସୁରକ୍ଷା ନିମନ୍ତେ ଶପଥପାଠ କରାଇଥିଲେ। ଭୋଲାନାଥ ରାଜପୁତ ସୁଖଲା କମ୍ପାନୀ ତରଫରୁ ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କ୍ୟାମ୍ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ସେରଗଡ଼ ଟୋଲପ୍ଲାଜାର ମ୍ୟାନେଜର ଅନୀଲ କୁମାର ପଣ୍ଡା, ଜାତୀୟ ରାଜପଥ କ୍ଷେତ୍ର ଅଧିକାରୀ ଦୀପ୍ତିରଞ୍ଜନ ବେହେରା, କୃଷ୍ଣଚନ୍ଦ୍ର ନାୟକ, ପଞ୍ଚାନନ ବେହେରା, ଟୋଲପ୍ଲାଜାର କର୍ମଚାରୀମାନେ କ୍ୟାମ୍ପକୁ ପରିଚାଳନା କରିଥିଲେ।

## ବିଇଓଙ୍କ ନାମରେ ଜାଲ୍ ପାସ୍‌ବୁକ୍, ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ

### ସିଆର୍‌ସିସି ନିଲମ୍ବିତ

ଔପଦା, ୨୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ନାମରେ ଜାଲ୍ ପାସବୁକ୍ ଖୋଲି ପ୍ରାୟ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଉଠାଣ ହୋଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଦରଖୋଲି ସିଆର୍‌ସିସି(କ୍ଲଷ୍ଟର ରିସୋର୍ସ ସେଣ୍ଟର କୋର୍ଡିନେଟର) ଜୟନ୍ତ କୁମାର ପଣ୍ଡାଙ୍କ ନାମରେ ଏହି ଅଭିଯୋଗ ଆସିବା ପରେ ଔପଦା ବ୍ଲକ ଶିକ୍ଷାଧିକାରୀ ଚିଠି(ନଂ. ୧୫୬/୨୧)ରେ ପଣ୍ଡାଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

୨୦୧୧ରୁ ୨୦୧୩ ମସିହା ପର୍ଯ୍ୟନ୍ତ ଔପଦା ବ୍ଲକର ୧୧୮ ଜଣ ଗଣଶିକ୍ଷକ ଓ ୧୪୫ଜଣ ଶିକ୍ଷା ସହାୟକଙ୍କ ଇପିଏଫ୍ ବାବଦକୁ ୧୬ଲକ୍ଷରୁ ଅଧିକ ଟଙ୍କା ଔପଦା ବିଇଓଙ୍କ ସରକାରୀ ବ୍ୟାଙ୍କ ଜମାବହିରୁ ବାଲେଶ୍ୱର ଡିପିସି(ଜିଲା ପ୍ରକଳ୍ପ ସଂଯୋଜକ)ଙ୍କ ଜମା ବହିକୁ ଟ୍ରାନ୍ସଫର କରାଯାଉଥଲା। ତେବେ ମନ୍ଦ ଉଦ୍ଦେଶ୍ୟ ରଖି ବିଆର୍‌ସିସି( ବ୍ଲକ ରିର୍ସୋସ ସେଣ୍ଟର କୋର୍ଡିନେଟର) ଶ୍ରୀଧର ଉପାଧ୍ୟାୟଙ୍କ ନାମରେ ପ୍ରାୟ ୩ମାସ ତଳେ ଏକ ଜାଲ ଜମାଖାତା ଖୋଲାଯାଇଥିଲା। ଏହାକୁ ନେଇ ଔପଦା ୟୁକୋ ବ୍ୟାଙ୍କ ଶାଖ ପରିଚାଳକ ସନ୍ତୋଷ କୁମାର ମିଶ୍ରଙ୍କ ସନ୍ଦେହଘେରକୁ ଆସିଥିଲା। ସେ ଏହାକୁ ଖୋଳତାଡ଼ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଗିରିଙ୍କୁ ଜଣାଇଥିଲେ। ସିଆର୍‌ସିସି ଜୟନ୍ତ ପଣ୍ଡାଙ୍କ ଦ୍ୱାରା ଖୋଲାଯାଇଥିବା ଜମାଖାତା ବିଭାଗୀୟ ଅନୁମତି ପ୍ରାପ୍ତ କି ନୁହେଁ ଜାଣିବାକୁ ଚାହିଁଥିଲେ। ଏହା ଜାଣିବା ପରେ ବିଇଓ ଗିରି ଆଶ୍ଚର୍ଯ୍ୟ ହେବା ସହ ବିଆର୍‌ସିସି ଶ୍ରୀଧର ଉପାଧ୍ୟାୟଙ୍କୁ ପଚାରିଥିଲେ। ବିଆର୍‌ସିସି ଉପାଧ୍ୟାୟ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ବିଭାଗୀୟ ତଦନ୍ତ ପରେ ପଣ୍ଡାଙ୍କୁ ନିଲମ୍ବନ କରାଯିବା ସହ ବିଆର୍‌ସିସି ଚିଠି (ନଂ. ୧୧୫।୧୮।୧।୨୧)ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସିଆର୍‌ସିସି ପଣ୍ଡା ଏଭଳି ଅଭିଯୋଗକୁ ନିଜ ତରଫରୁ ଖଣ୍ଡନ କରିଛନ୍ତି। ବିଇଓ ଗିରି ଦୋଷୀ ଦଣ୍ଡ ପାଇବ ବୋଲି କହିଛନ୍ତି।

## ନୀଳଗିରିରେ ଅଜଣା ଜନ୍ତୁ ଆତଙ୍କ

ସଜନାଗଡ଼,୨୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିରେ ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଅଜଣା ଜନ୍ତୁଟି ଗୋରୁ, ଛେଳି, କୁକୁଡ଼ା ଆଦି ମାରି ଦେଉଥିବା ଦେଖିବାକୁ ମିଳିଛି। ନୀଳଗିରି ରେଞ୍ଜର ବଲବଲିଆର ଗ୍ରାମରେ କମଳାକାନ୍ତ ବିଶ୍ୱାଳଙ୍କର ଛେଳି, କୁକୁଡ଼ା ମାରିଦେଇଥିବା ବେଳେ ଏକ ଗୋରୁକୁ ଖାଣ୍ଡିଆ ଖାବରା କରିଦେଇଥିବା ଜଣାପଡ଼ିଛି। ଏହାସହ ୫ଦିନ ପୂର୍ବରୁ ଜାମୁଡ଼ିହା ପଞ୍ଚାୟତ, ବଡ଼ବିଲ ଗାଁରେ ମଧ ଗୋଟିଏ ଛେଳିକୁ ମଧ ମାରିଦେଇଥିଲା। ନୀଳଗିରି ରେଞ୍ଜର ମନୱାର ଖାଁ ଏହା ଶିଆଳ ବୋଲି ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ପ୍ରକାରଭେଦ ଚିହ୍ନଟ ନେଇ ପ୍ରଶିକ୍ଷଣ

ଚମ୍ପୁଆ,୨୨।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବିଆର୍‌ସିସି ସଭାଗୃହଠାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ପ୍ରକାରଭେଦ ଚିହ୍ନଟକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସରୋଜ ଦାସ ଓ ତପସ୍ୱିନୀ ସାହୁପ୍ରମୁଖ ଯୋଗଦେଇ ସିଆର୍‌ସିସିମାନଙ୍କୁ ଚିହ୍ନଟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଚମ୍ପୁଆ ବ୍ଲକର ସିଆର୍‌ସିସିମାନଙ୍କୁ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ୨୧ ପ୍ରକାରଭେଦରେ ଚିହ୍ନଟକରଣ କରିବାକୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷ ଭାବେ ବୌଦ୍ଧିକ ଅକ୍ଷମତା, ଦୃଷ୍ଟିବାଧିତ, ସ୍ୱଳ୍ପ ଦୃଷ୍ଟିବାଧିତ, ଶାରୀରିକ ରହିତା, ସ୍ୱପରାୟଣତା, ମସ୍ତିଷ୍କ ପକ୍ଷାଘାତ, ବିକୃତ, ମାନସିକ ଅସୁସ୍ଥତା, ସ୍ନାୟୁଗତ ବାଧିତ ଆଦି ଚିହ୍ନଟ ପାଇଁ ତାଲିମ୍ ପ୍ରଦାନ କରାଯାଇଛି।

## ଜଙ୍ଗଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ, ୩ ଅଟକ

ବାଙ୍ଗିରିପୋଷି,୨୨।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ସୁନାପୋଷି ଗ୍ରାମର ଜଣେ ଯୁବକ ଗତ ୧୮ତାରିଖରୁ ଭୋଜି ଖାଇବାକୁ ଯାଇ ନିଖୋଜ ଥିଲେ। ୪ ଦିନ ପରେ ଶୁକ୍ରବାର ନିକଟସ୍ଥ ଜଙ୍ଗଲର ଠାକୁରାଣୀ ପାହାଡ଼ରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୨/୨୧) ରୁଜୁ ହୋଇଛି। ମୃତକ ହେଲେ ରମେଶ ସିଂଙ୍କ ପୁଅ ବିମଳ। ୪ଜଣ ସାଙ୍ଗ ଭୋଜି ଖାଇବାକୁ ବିମଲଙ୍କୁ ଘରୁ ଡାକି ନେଇଥିଲେ। ସେହିଦିନଠାରୁ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ପତ୍ତା ପାଇ ନ ଥିଲେ। ଜଣେ ଅଜଣା ବ୍ୟକ୍ତି ବିମଲଙ୍କ ଫୋନରୁ ତାଙ୍କ ପରିବାର ଲୋକଙ୍କୁ ଫୋନ କରି ଠାକୁରାଣୀ ପାହାଡ଼ରେ ବିମଲ ମରି ପଡ଼ିଥିବା ଜଣାଇଥିଲେ। ବିମଲଙ୍କ ବାପା ୪ ସାଙ୍ଗଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ, ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପଥରରେ ଛେଚି ହତ୍ୟା କରାଯିବା ପରେ ବଡ଼ ବଡ଼ ପଥର ଘୋଡ଼ାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

## ପାଦଚିହ୍ନକୁ ନେଇ ଦ୍ୱନ୍ଦ୍ୱରେ ବନବିଭାଗ

ସଜନାଗଡ଼, ୨୨।୧(ଡି.ଏନ.ଏ.)



କୁଲଡ଼ିହା ଅଭୟାରଣ୍ୟରେ ତଦନ୍ତକାରୀ ଦଳ।

### ମହାବଳ ନା କଲରାପତରିଆ ବାଘ

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ୨୭୨.୭୩ ବର୍ଗକିଲୋମିଟର ପରିବ୍ୟାପ୍ତ। ଏହା ଭିତରେ କିଛି ନିର୍ଦ୍ଦିଷ୍ଟ ସ୍ଥାନୀୟ ଅଞ୍ଚଳରେ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଏହା ମହାବଳ ନା କଲରାପତରିଆ ବାଘ ଏଯାଏ ସ୍ପଷ୍ଟ ହୋଇପାରୁନି। ଯାହାକୁ ନେଇ ବନବିଭାଗ ଦ୍ୱନ୍ଦ୍ୱରେ ରହିଛି।

କୁଲଡ଼ିହା ଅଭୟାରଣ୍ୟ ଅନ୍ତର୍ଗତ ଖୁମକୁଟ, ପଞ୍ଚଲିଙ୍ଗେଶ୍ୱର, ଜୋଡ଼ାଚୁଆ, ସର୍ବଣାନାଳ ନିକଟ ସନ୍ତସନ୍ତିଆ ସ୍ଥାନରେ ଏହି ପାଦ ଚିହ୍ନ ଦେଖିବାକୁ ମିଳିଥିବା ବନବିଭାଗ ସୂଚନା ଦେଇଛି। ପାଦ ଚିହ୍ନକୁ ନେଇ ବନବିଭାଗ ଅଧିକ ତଦନ୍ତ ଆରମ୍ଭ କରିଛି। ଏହି ପାଦ ଚିହ୍ନ ଏକ ବାଘର ହୋଇଥିବା ବେଳେ ଏହା ମହାବଳ ନା କଲରାପତରିଆ ତାହା ସ୍ପଷ୍ଟ ହୋଇପାରିନି। ଠିକ୍ ତଥ୍ୟ ନିମନ୍ତେ ବିଭିନ୍ନ ସନ୍ତସନ୍ତିଆ ଜାଗା ନିକଟରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏନେଇ ଏସିଏଫ୍‌ଓ ଶରତ ଚନ୍ଦ୍ର ବେହେରା, ନୀଳଗିରି ରେଞ୍ଜର ମନ୍‌ୱାର ଖାନ, କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ଼, ସବୁଜବାହିନୀର ଏକ ଟିମ୍ ଜଙ୍ଗଲ ଭିତରକୁ ଯାଇ ବିଭିନ୍ନ ସ୍ଥାନର ଛାନଭିନ୍ କରି ଫେରିଛନ୍ତି। ଆସନ୍ତା ୧ମାସ ମଧରେ ସମ୍ପୂର୍ଣ୍ଣ ତଥ୍ୟ ଆସିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଗତ ଏକ ମାସପୂର୍ବରୁ ଜାଡ଼ାଚୁଆ ଅଞ୍ଚଳରେ ଏକ ମୃତ ହରିଣ ଦେଖିବାକୁ ମିଳିଥିଲା। ହରିଣର ପଛପଟ କ୍ଷତାକ୍ତ ହୋଇପଡ଼ିଥିବା ବେଳେ ଉକ୍ତ ସ୍ଥାନରେ ୨ଦିନ ପର୍ଯ୍ୟନ୍ତ ରଖାଯାଇଥିଲା। ସେଠାରେ ଟ୍ରାପ୍ କ୍ୟାମେରା ଲଗାଯିବା ସହ ବାଲି ବିଛାଯାଇଥିଲେ ହେ ଆଜି ପର୍ଯ୍ୟନ୍ତ ଉକ୍ତ ହରିଣର ମୃତ୍ୟୁ ବାଘ ଦ୍ୱାରା ହୋଇଥିଲା କି ନାହିଁ ତାହା ସ୍ପଷ୍ଟ ହୋଇପାରିନି। ବନବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ଓ ମୟୂରଭଞ୍ଜ ବସ୍ ମାଲିକ ସଂଘ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଘରୋଇ ଯାତ୍ରୀବାହୀ ବସ୍ଷ୍ଟାଣ୍ଡଠାରେ ୭୨ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ରୋଗ ସହାୟକ ଚିକିତ୍ସକ ହରିଶ ଚନ୍ଦ୍ର ଗିରି ପରୀକ୍ଷା କରିବା ସହିତ ଦୃଷ୍ଟିଶକ୍ତି ହ୍ରାସ ପାଇଥିବା ଚାଳକଙ୍କୁ ଆବଶ୍ୟକ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଆରଟିଓ ଗୋପାଳ କୃଷ୍ଣ ଦାସ, ଏମ୍‌ଭିଆଇ ଶିଶିର ସାହୁ, ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ସୁନୀଲ ଦାଶ ଓ ବସ୍‌ମାଲିକ ମାଲିକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୨ କିଲୋ ଗଞ୍ଜେଇ ସହ ୧.୭ ଲକ୍ଷ ଟଙ୍କା ଜବତ

ଭଦ୍ରକ ଅଫିସ, ୨୨।୧- ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ୧୨ କିଲୋ ଗଞ୍ଜେଇ ସହ ୧ ଲକ୍ଷ ୭ ହଜାର ଟଙ୍କା ଜବତ କରାଯାଇଛି। ଜିଲା ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼, ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ବଳ ଓ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗ୍ରାମାଞ୍ଚଳ ଥାନା ଅଧୀନ ରାଣୀତାଲ ବଜାର ନିକଟରେ ଥିବା ଏକ ଦୋକାନରେ ଚଢ଼ାଉ କରାଯାଇଥିଲା। ଚୁଡ଼ଙ୍ଗପୁର ଗ୍ରାମର ରବୀନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏ ନେଇ ଭଦ୍ରକ ଅବକାରୀ ଥାନାରେ ଏକ ମାମଲା(ନଂ.୧୨୬/୨୧) ରୁଜୁ କରାଯାଇ ରବୀନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଆର୍ଦଶ ବିଦ୍ୟାଳୟ ଲାଗି ଜମି ଚିହ୍ନଟ

ବାହାନଗା, ୨୨।୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଆର୍ଦଶ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନ ତରଫରୁ ବାହାନଗା ପଞ୍ଚାୟତର ଷଠୀ ଗ୍ରାମର ବଡପଡିଆରେ ଥିବା ଜମିକୁ ଅମିନ ଓ ଆରଆଇମାନଙ୍କ ଦ୍ୱାରା ମାପଚୁପ କରାଯାଇ ଜମି ଚିହ୍ନଟ କରାଯାଇଛି। ଆର୍ଦଶ ବିଦ୍ୟାଳୟ ନିମନ୍ତେ ସରକାର ୩ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ଏହି ଅର୍ଥ ଆସିବାରେ ଦୀର୍ଘଦିନ ବିତିଯାଇଥିଲେ ମଧ ବିଦ୍ୟାଳୟ ନିମାଣ ହୋଇପାରୁନାହିଁ। ଦୀର୍ଘଦିନ ପରେ ନିର୍ମାଣ କାର୍ଯ୍ୟ ଓ ତଦାରଖ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରୁ ପୂର୍ତ୍ତ ବିଭାଗ ହାତକୁ ଗଲା ପରେ କିପରି କାର୍ଯ୍ୟ ଆରମ୍ଭ ହେବ ସେନେଇ ପ୍ରଶାସନ ତତ୍ପର ହୋଇଉଠିଛି। ତେବେ କାମ ନେଇଥିବା ଠିକାଦାର ସଂସ୍ଥାର ଏଗ୍ରିମେଣ୍ଟ ସରିଯାଇଥିବାରୁ ପୁନର୍ବାର ତାହା ଟେଣ୍ଡର ହେବା ପରେ ଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି। ଜମି ଚିହ୍ନଟ ବେଳେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ମୁଖ୍ୟ କିରାଣି ମନୋରଞ୍ଜନ ବେହେରା, ଆରଆଇ ଓମ୍‌ପ୍ରକାଶ ମହନ୍ତ, ସୁପରଭାଇଜର କର୍ମଦନ ମାଝୀ, ଅମିନ୍ ଶିତାଂଶୁ ମହାନା, ପୂର୍ତ୍ତବିଭାଗ ଏସ୍‌ଡିଓ ହରିଶ୍ଚନ୍ଦ୍ର ଦ୍ୱାରି, ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ରୋହିଆ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଆର୍ଦଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟରେ ତଦାରଖ କରିଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ପୂର୍ତ୍ତ ବିଭାଗ ଏସ୍‌ଡିଓ ଦ୍ୱାରି ପ୍ରକାଶ କରିଥିଲେ।

### ଲୁଗା ଦୋକାନରୁ ଚୋରି

ପଦ୍ମପୁର,୨୨।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ବଜାରରେ ଥିବା ଏକ ଲୁଗା ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନୀ ଗୌରହରି ଜେନା ସବୁଦିନ ଭଳି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ଆସି ତାଙ୍କ ଦୋକାନର ତାଲା କାଟି ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କପଡ଼ା ଓ ଡ୍ରେସ୍, ଏକ ଆଇଫୋନ୍, ବାକ୍ସରେ ଥିବା ଟଙ୍କା ଚୋରି ହୋଇଯାଇଥିବା ସେ ଦେଖିଥିଲେ। କରଞ୍ଜଆଡ଼ିଆ କଲେଜ ରାସ୍ତାରେ ଚୋରମାନେ କିଛି ଡ୍ରେସ୍ ଖସାଇ ଥିବାର ଲୋକେ ଦେଖି ନାୟକାଣିଡିହୀ ଥାନାକୁ ଖବର ଦେଇଥିଲେ। ଏ ନେଇ ଗୌରହରିଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରୁଛି।

### ପଞ୍ଚାୟତ ଗୃହ ଶିଳାନ୍ୟାସ

ଲଙ୍ଗଳେଶ୍ୱର, ୨୨।୧(ଡି.ଏନ.ଏ.)- ପଞ୍ଚାୟତ ନିର୍ବାଚନ ସମୟରେ ନୂତନ ପଞ୍ଚାୟତ ଭାବରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ସାଉଡ଼ି ପଞ୍ଚାୟତ ଗଠିତ ହୋଇଥିଲା। ଏହି ପଞ୍ଚାୟତର ନୂତନ ପଞ୍ଚାୟତ ଅଫିସ ଗୃହ ନିର୍ମାଣ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତବାସୀ ଦାବି କରୁଥିଲେ। ପଞ୍ଚାୟତ ଅଫିସ୍ ନୂତନ ଗୃହ ନିର୍ମାଣ ପାଇଁ ସାଉଡ଼ି ଗ୍ରାମରେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ଛବିରାଣୀ ସାହୁ ଯୋଗଦେଇ ଭୂମିପୂଜା କରିଥିଲେ। ଏଥିରେ ସରପଞ୍ଚ ରଞ୍ଜିତା ଟୁଙ୍ଗ, ବ୍ଲକର ସହକାରୀ ଯନ୍ତ୍ରୀ ଦୀପକ କୁମାର ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ୱାର୍ଡ଼ମେମ୍ବରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ୩୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ଏହି ଅଫିସ୍ ଗୃହ।

# ‘ଘର ଚଳାଇବାକୁ ଯାତ୍ରା ମଞ୍ଚରେ ପାଦ ଦେଲି’

**ସନାତନ ରାଉତ**
ବନ୍ତ, ୨୨।୧

ବାପା ବିଲରେ ଖଟିଲେ ପରିବାର ଚଳେ। ୫ ପ୍ରାଣୀ କୁଟୁମ୍ବଙ୍କ ପେଟକୁ ଦାନା ମୁଠାଏ ଯୋଗାଡ଼ କରିବା ତାଙ୍କ ପକ୍ଷେ କଷ୍ଟକର ଥିଲା। ନିଜର ଚାଷଜମି ନ ଥିବାରୁ ଭାଗ ଚାଷ କରି ପରିବାର ଚଳାଇବା ଅସମ୍ଭବ ଥିଲା। ମା’ ବାପାଙ୍କର ବଡ଼ଝିଅ ହୋଇଥିବାରୁ ଏହାକୁ ନେଇ ତାଙ୍କ ମନ ଆନ୍ଦୋଳିତ କରୁଥିଲା। ନିଜେ କିଛି ରୋଜଗାର କରି ପରିବାର ଚଳାଇବା ପାଇଁ ବାପାଙ୍କୁ ସାହାଯ୍ୟ କରିବାକୁ ମନ ବଳାଇଥିଲେ। ଶେଷରେ ଯାତ୍ରା ମଞ୍ଚକୁ ରୋଜଗାର ପନ୍ଥା ଭାବେ ବାଛି ନେଲେ। ମାତ୍ର ୧୩ ବର୍ଷ ବୟସରେ ପାଠପଢ଼ାରେ ଡୋରି ବାନ୍ଧି ଯାତ୍ରା ଜଗତରେ ପାଦ ଦେବା ପରେ ଆଉ ପଛକୁ ଫେରି ନାହାନ୍ତି ଯଳିଉଡର ନାୟିକା ମାମା ଓରଫ ମାମିନା ରାଉତ(୨୫)। ଯାତ୍ରାରେ ଯୋଗଦେବା ପରେ ପରିବାରରେ ଆର୍ଥିକ ସ୍ଥିତିକୁ ସୁଧାରି ପାରିଥିବା ସେ କହିଛନ୍ତି।

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମର ଲକ୍ଷ୍ମଣ ରାଉତ ଓ ଝୁଲଣା ରାଉତଙ୍କ ଝିଅ ମାମା। ବାପା, ମା’, ଦୁଇ ସାନଭାଇ ଓ ଜଣେ ସାନ ଭଉଣୀଙ୍କୁ ନେଇ ତାଙ୍କର ପରିବାର। ସେ କୁହନ୍ତି, ମାମୁ ଯାତ୍ରା କଳାକାର ହୋଇଥିବାରୁ ତାଙ୍କ ପ୍ରେରଣାରେ ଟାଇଗର ତାରିଣୀରେ ପ୍ରଥମେ ଶିଶୁ କଳାକାର ଭାବେ ସେ ଯୋଗ ଦେଇଥିଲେ। ପରେ ତାରିଣୀ ଗଣନାଟ୍ୟ, ତ୍ରିରଙ୍ଗା, ଓଡ଼ିଶା ଅପେରା, କ୍ଲାସିକ ଅପେରା, ଧଉଳି ଗଣନାଟ୍ୟ, ଯାତ୍ରାଗାଁରେ ନିଖୁଣ ଅଭିନୟ କରି ଯାତ୍ରା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ। ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟରେ ଦୀର୍ଘ ୧୦ ବର୍ଷ ଧରି ମୁଖ୍ୟ ନାୟିକା ଭାବେ ଅଭିନୟ କରି ଦର୍ଶକଙ୍କ



ଯାତ୍ରା ନାୟିକା ମାମା।

ମନ ଛୁଇଁ ପାରିଥିଲେ। ଗତବର୍ଷ କୋଭିଡ୍ ପାଇଁ ଯାତ୍ରା ମଞ୍ଚ ବନ୍ଦ ରହିଥିଲା। ଏବେ ଯାତ୍ରାକୁ ଅନୁମତି ମିଳିବା ପରେ ସେ ନୂଆ କରି ବାଘାଯତୀନ ଲୋକନାଟ୍ୟରେ ଚଳିତବର୍ଷ ପାଇଁ ଯୋଗ ଦେଇଛନ୍ତି। ତାଙ୍କ ଅଭିନୀତ ତାରିଣୀ ଗଣନାଟ୍ୟର ନିଆଁ ଭିତରେ ହାତ, ଯାତ୍ରା ଗାଁର ନାଁ ନେଇଗଲା ଗାଁ ପିଲାଟା, କଳିଙ୍ଗ ଗଣନାଟ୍ୟର ଶେଷ ଠିକଣା ସ୍ୱର୍ଗଦ୍ୱାର, ପରଦେଶୀ ଫେରିବାଲି, ସୁନ୍ଦରୀ ସ୍ତ୍ରୀର ସ୍ୱାମୀ ହେବା ମନା, ରାଜଧାନୀ ତୋତେ ଦୂରୁ ଜୁହାର, ହାଟରୁ କିଣିଛି ବାଟର ସାଥୀ, ଶ୍ରାବଣ ମାସର ଶେଷରାତ୍ରି, ସ୍ୱାମୀ ଆସିଥିଲା ରାତିକ ପାଇଁ, ଠିକଣା ହଜିଛି ଜଗା ଭାଇର ଓ ରଙ୍ଗ ବଜାରର ରଙ୍ଗ ଜୋକର ନାଟକରେ ଯାତ୍ରା ସୁପରଷ୍ଟାର ବାପି ପଣ୍ଡା, ପ୍ରତାପ ରାଉତ ଓ ସୁରେଶ ପଣ୍ଡାଙ୍କ ଭଳି ନାୟକଙ୍କ ସହିତ ନାୟିକା ଭାବେ ଅଭିନୟ କରି ତାଙ୍କୁ ବେଶ୍ ସଫଳତା ମିଳିଛି ବୋଲି କହିଛନ୍ତି। ମଞ୍ଚରେ ନଗ୍ନତା ପ୍ରଦର୍ଶନ ନ କରି ନାଟକ ପରିବେଷଣ କରାଗଲେ ଯାତ୍ରାର ମାନ ଆହୁରି ବଢ଼ିପାରନ୍ତା ବୋଲି ସେ ମତ ପ୍ରକାଶ କରିଛନ୍ତି।

# ମାଛଧରା ଜେଟିର ସାମଗ୍ରିକ ବିକାଶକୁ ଗୁରୁତ୍ୱ



ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସ୍ୱରୂପ ଦାସଙ୍କ ସହ ଅତିଥିଗଣ।

ରୂପସା, ୨୨।୧(ଡି.ଏନ.ଏ.)

ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଦିଗରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାଛଧରା ଜେଟି ସମ୍ପ୍ରସାରଣ ସହ ସାମଗ୍ରିକ ବିକାଶ ହେବା ଜରୁରୀ। ଜେଟି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେଲେ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡ ଦୃଢ଼ ହେବ ବୋଲି ମୁଖ୍ୟଅତିଥି ଭାବେ ସଦର ବିଧାୟକ ସ୍ୱରୂପ ଦାସ ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ‘ରେବତୀ’ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ଗଙ୍ଗାମାତା ବାର୍ଷିକ ପୂଜୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଗୁରୁବାର ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ପୂଜୋତ୍ସବରେ ସଭାପତି ବିକାଶ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ସରପଞ୍ଚ ଗୟାପ୍ରସାଦ ଦାସ, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ସରପଞ୍ଚ ଶୈଳବାଳା ଜେନା ଓ ରଶ୍ମିତା ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। କର୍ମକର୍ତ୍ତା ନିମାଇଁ ଚାନ୍ଦ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରକ୍ଷା ପାଇଁ ଜିଲାପାଳଙ୍କୁ ଭେଟିଲେ ମେଡିକାଲ ଛାତ୍ରୀଛାତ୍ର



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ମେଡ଼ିକାଲ କଲେଜ ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ, ୨୨।୧

ସୁରକ୍ଷା ଦାବି କରି ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜର ଛାତ୍ରୀଛାତ୍ର ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରେମୁଣା ଗୋଲେଇରୁ ରେମୁଣାକୁ ଯାଇଥିବା ମୁଖ୍ୟରାସ୍ତାରୁ ମେଡ଼ିକାଲ କଲେଜର ପ୍ରବେଶ ଫାଟକ ୫ଶହ ମିଟର। ଏହି ରାସ୍ତାର ଆରମ୍ଭରୁ ଏକ ଢ଼ାବା ରହିଛି। ଯେଉଁଥିରେ କି ଚୋରା ମଦ କାରବାର ହେଉଛି। ମଦ୍ୟପମାନେ ମଦ ପିଇ ଛାତ୍ରୀଛାତ୍ରମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ସମୟରେ ହଇରାଣ ହରକତ କରୁଛନ୍ତି। ଏପରିକି ଉକ୍ତ ରାସ୍ତା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପୂର୍ବରୁ ଉକ୍ତ ରାସ୍ତାରେ ଗୁଳିକାଣ୍ଡ ଓ ହତ୍ୟା ଘଟଣା ଘଟିଛି। ଏପରିକି ନିକଟରେ ଏକ ସରକାରୀ ମଦ ଦୋକାନ ମଧ ଖୋଲାଯାଇଛି। ମେଡ଼ିକାଲ କଲେଜ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମନେ କରି ବାରମ୍ବାର ସ୍ଥାନୀୟ ପୋଲିସ ଏବଂ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଦିନକୁ ଦିନ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି ବୋଲି ମେଡ଼ିକାଲ କଲେଜର ଛାତ୍ର ବିଶ୍ୱଜିତ୍ ରାଉତ, ସତ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିପାଇଁ ମେଡ଼ିକାଲ କଲେଜର ପ୍ରବେଶ ଫାଟକକୁ ରେମୁଣା ଗୋଲେଇ ଏବଂ ରେମୁଣାକୁ ଯାଇଥିବା ମୁଖ୍ୟରାସ୍ତାର ପ୍ରାରମ୍ଭରୁ କରାଯିବା ସହ ଏକ ପୋଲିସ ଫାଣ୍ଡି ପାଇଁ ଦାବି କରିଛନ୍ତି।

# ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ

ଯୋଡ଼ା, ୨୨।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଫ୍ଲାଏଓଭର ନିର୍ମାଣ ଲାଗି ଓବିସିସିଏଲ୍(ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ) ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ପୌରପାଳିକାକୁ କୁହାଯିବା ପରେ ଏହାର ମାପଚୁପ ଆରମ୍ଭ କରାଯାଇଛି। ଏଣୁ ଜବରଦଖଲ ଉଚ୍ଛେଦ ଲାଗି ପୌରପାଳିକା ପକ୍ଷରୁ ନୋଟିସ୍ ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଏ ନେଇ ସୂଚନା ଦେଇ କହିଛନ୍ତି ଯେ, ଡିଏଭି ସ୍କୁଲ ନିକଟରୁ ବାଂଶପାଣି ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ସରକାରୀ ଜମି ଜବରଦଖଲ କରି ବସବାସ କରୁଥିବା ଜନସାଧାରଣ, ସ୍ଥାୟୀ ଦୋକାନ ଓ ଉଠା ଦୋକାନଗୁଡ଼ିକ ସହମତି ଭିତ୍ତିରେ ଜବରଦଖଲ ହଟାଇ ନିଅନ୍ତୁ। ଫଳରେ ଆଇନ ଅନୁଯାୟୀ ଉଚ୍ଛେଦ କରାଯିବ ନାହିଁ। ସେମାନଙ୍କୁ ୩ଦିନ ସମୟ ଦିଆଯାଇଛି। ଉକ୍ତ ରାସ୍ତାକଡ଼ରେ ପ୍ରାୟ ୧୪୫ ଜଣ ସରକାରୀ ଜମି ଜବରଦଖଲ କରି ଦୋକାନ ଓ ଘର ନିର୍ମାଣ କରିଥିବା ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଥଇଥାନ ନ କରି ଦୀର୍ଘ ବର୍ଷରୁ ବ୍ୟବସାୟ କରି ଆସୁଥିବା ବହୁ ବ୍ୟବସାୟୀ ଉଠାଦୋକାନୀ, ପରିବା ବିକାଳି ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭକୁ ନାପସନ୍ଦ କରିଛନ୍ତି। ପୂର୍ବତନ ଉପନଗରପାଳ ପୁରୁଷୋତ୍ତମ ଦାସ, ବରିଷ୍ଠ ନାଗରିକ ରତ୍ନାକର ମହାପାତ୍ର, ଶ୍ରମିକ ନେତା କୈଳାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ତରବରିଆ ଭାବେ ଉଚ୍ଛେଦ ପ୍ରକ୍ରିୟା କରାଯାଉଥିବାରୁ ଜନସାଧାରଣ ଓ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେବେ।

# ୨୬ରୁ ରାଜ୍ୟସ୍ତରୀୟ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ

ଧାମନଗର,୨୨।୧

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଧରମ ପଠାରେ ଆସନ୍ତା ୨୬ ତାରିଖରୁ ରାଜ୍ୟସ୍ତରୀୟ ମା’ ସୁବର୍ଣ୍ଣମୁଖୀ କ୍ରିକେଟ୍ ଟର୍ନାମେଣ୍ଟ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ୍ କ୍ରାନ୍ତି କଲଚରାଲ ଧାମନଗର ସହିତ ସାଲନ୍ଦୀ କ୍ଲବ ଭଦ୍ରକ,୨୭ରେ ଏମ୍‌ସିସି ଯାଜପୁର ସହିତ ସୂର୍ଯ୍ୟସିଖା ଭଦ୍ରକ, ୨୮ରେ ଡିଆର୍‌କେ ବାରିପଦା ସହିତ ଟାଟା କ୍ରିକେଟ୍ ଟିମ୍ ଜାମସେଦପୁର, ୨୯ରେ ସେରସା କ୍ରିକେଟ ରାଞ୍ଚି ସହିତ ପାରମାଉଣ୍ଟ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୩୦, ୩୧ରେ ସେମିଫାଇନାଲ ହୋଇ ଫେବୃୟାରୀ ୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଧର୍ମପଦ ପତି, ସରୋଜ କୁମାର ଧଳ ଓ ଶ୍ରବଣ କୁମାର ବେହେରା ସୂଚନା ଦେଇଛନ୍ତି।

# ‘ଦେଶ ପାଇଁ ଅନେକ ତ୍ୟାଗ କରିଛି କଂଗ୍ରେସ’




ବନ୍ଧୁମିଳନ ସମାରୋହରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦ।

ବନ୍ତ,୨୨।୧(ଡି.ଏନ.ଏ)

ଭଦ୍ରକ ଜିଲା ବନ୍ତ ହାଟ ପଡ଼ିଆଠାରେ ଶୁକ୍ରବାର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କଂଗ୍ରେସ ଦେଶ ପାଇଁ ଅନେକ ତ୍ୟାଗ କରିଛି ବୋଲି କହିଥିଲେ। ବ୍ଲକ ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଭାପତି ସୁବ୍ରତ ଦାସ, ଦଳୀୟ ନେତ୍ରୀ ମଧୁମିତା ସେଠୀ, ନେତା ନଳିନୀ ମହାନ୍ତି, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝା, ପ୍ରେମାନନ୍ଦ ନାୟକ, ମାଳିରାମ ବେହୁରିଆ, ସ୍ମୃତିରଞ୍ଜନ ସ୍ୱାଇଁ, ଜ୍ୟୋତି ରଞ୍ଜନ ନାୟକ, ଯୁବ କଂଗ୍ରେସ ସଭାପତି ବିଜୟ ଶଙ୍କର ମହାନ୍ତି, ହେମନ୍ତ ମହାପାତ୍ର, ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଡ଼ିଆ ପଞ୍ଚାୟତର ଯୁବନେତା ଫାଲ୍ଗୁନି ରାଉତ କଂଗ୍ରେସରେ ସାମିଲ ହୋଇଛନ୍ତି।

# ଚାଷୀଙ୍କ ପଦଯାତ୍ରା, ଗଣଧାରଣା

ବାରିପଦା ଅଫିସ,୨୨।୧

କୃଷକ ବିରୋଧି କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏକ ପଦଯାତ୍ରା ମୟୂରଭଞ୍ଜ ଜିଲା ଶୁକ୍ଳୀ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନରେ ୩ଟି ପଞ୍ଚାୟତରୁ ଶତାଧିକ ଚାଷୀ ଓ କୃଷିଜିବୀମାନେ ପଦପଯାତ୍ରାରେ ବାହାରି ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦେଇଥିଲେ। କୃଷକ ନେତା ଅଜିତ କୁମାର ବାରିକ, ଶଙ୍କର ନାଏକ, ପରମେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦାବି ଗୁଡିକୁ ନେଇ ସିପିଆଇର ରାଜ୍ୟ ସହସମ୍ପାଦକ ଡ.ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ରହି କଳା କୃଷି ଆଇନର ଭୟାବହତା ସମ୍ପର୍କରେ ବିଷଦ ଆଲୋଚନା କରିବା ସହିତ ଜନ ବିରୋଧି କୃଷି ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇର ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଅଜିତ କୁମାର ବାରିକ, ଶଙ୍କର ନାଏକ, ମୌସୁମୀ ମହାନ୍ତ,ରଶ୍ମିତା ମହାନ୍ତ, କଳ୍ପନା ମହାନ୍ତ, ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କଳା, କ୍ରୀଡ଼ା ଶିକ୍ଷକ ସଂଘର ଆନ୍ଦୋଳନ

କେନ୍ଦୁଝର, ୨୨।୧ (ସ୍ୱ.ପ୍ର/ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଶୁକ୍ରବାର ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ନିଯୁକ୍ତି ପାଇଥିବା ସମସ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ୨୦୧୩ରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଅଦ୍ୟାବଧି ଚାକିରି କରି ଆସୁଛନ୍ତି। ରାଜ୍ୟର ଅନ୍ୟ ଜିଲାମାନଙ୍କରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଦରମା ଦିଆଯାଉଥିଲେ ମଧ କେନ୍ଦୁଝର ଜିଲାରେ କାର୍ଯ୍ୟରତ ଶିକ୍ଷକଙ୍କୁ ଦରମା ମିଳୁନାହିଁ। ଏହି ଶିକ୍ଷକମାନେ ମଧାହ୍ନଭୋଜନ ଦାୟିତ୍ୱ ସହିତ ଛାତ୍ରୀଛାତ୍ରଙ୍କ ନାମଲେଖା, ଉଜ୍ଜ୍ୱଳ ଓ ଉତ୍ଥାନ ଆଦି କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ ମଧ ସେମାନଙ୍କୁ ଅବହେଳା କରାଯାଉଛି। ଗତ ମାର୍ଚ୍ଚ ମାସରୁ ସେମାନଙ୍କୁ ଦରମା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ପ୍ରକାଶ କରିଛନ୍ତି। ଏଥିରେ ସନ୍ତୋଷ କୁମାର ପରିଡ଼ା, ବିଶ୍ୱନାଥ ନାୟକ, ଅନ୍ତର୍ଯ୍ୟାମୀ ସେନାପତି, ଦିନମଣୀ ମହାନ୍ତ, ବନ୍ଦନା ମହାନ୍ତ, ସମରଜିତ ସିଂହ, ସୁଶାନ୍ତ କୁମାର ସା, ପବିତ୍ର ମୋହନ ସିଂ, ଲକ୍ଷ୍ମୀପ୍ରିୟା ପତି, ସତ୍ୟବ୍ରତ ସାହୁ, ପ୍ରଫୁଲ୍ଲ ପରିଡ଼ାଙ୍କ ସମେତ ବହୁ କଳା ଓ କ୍ରୀଡ଼ା ଶିକ୍ଷକ ସାମିଲ ହୋଇଥିଲେ। ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ୭ ଦିନ ମଧ୍ୟରେ ବକେୟା ଦରମା ଦେବା ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ।

# ମଣ୍ଡିରୁ ଉଠୁନି ଧାନ, ତେଜୁଛି ଅସନ୍ତୋଷ

ସଜନାଗଡ଼, ୨୨।୧(ଡି.ଏନ.ଏ.)

ରାଜ୍ୟ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଠିକ୍ ଭାବେ ଯୋଗାଇଦେବାକୁ ଆନୁଷ୍ଠାନିକବ୍ୟବସ୍ଥା କରିଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ପ୍ରଶାସନିକ ଅସହଯୋଗ ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି।

ଚଳିତବର୍ଷ ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ ମଧ୍ୟରୁ ନୀଳଗିରି ସମବାୟ ସମିତି ଅଧୀନରେ ୧୫ଟି ପଞ୍ଚାୟତ ରହିଛି। ଏଥିରେ ୫ଟି କେନ୍ଦ୍ର ରହିଛି। ଏହି ମଣ୍ଡିରେ ବହୁ ଦିନ ଧରି ଚାଷୀଙ୍କ ଧାନ ପଡ଼ିରହିଛି। ଧାନ ଉଠିବାକୁ କେନ୍ଦ୍ର କରି ମିତ୍ରପୁର ଓ ସଜନାଗଡ଼ ସୋସାଇଟିର ଶତାଧିକ ଚାଷୀ ନୀଳଗିରି ଉପଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ନୀଳଗିରି ଲ୍ୟାମ୍ପକୁ ଯାଇ ତୁରନ୍ତ ଧାନ ଉଠାଇବାର ବ୍ୟବସ୍ଥା କରନ୍ତୁ ବୋଲି ଏମ୍‌ଡିଙ୍କୁ ଘେରିଥିଲେ। ଚାଷୀଙ୍କ ଧାନକ୍ରୟ



ମଣ୍ଡିରେ ପଡି ରହିଛି ଧାନ।

ସମସ୍ୟାକୁ ନେଇ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନୀଳଗିରି ଉପଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୨୫ତାରିଖରୁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଧାନ କ୍ରୟ କରିବାର ଧାର୍ଯ୍ୟ ତାରିଖରେ ଚାଷୀମାନେ ମଣ୍ଡିକୁ ଧାନ ଆଣିଥିଲେ। ୧୦ରୁ ୧୫ଦିନ ଧରି ମଣ୍ଡିରେ ଧାନ ବସ୍ତା ପଡ଼ିଥିବା ବେଳେ ଧାନ ନ ଉଠିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସାଗର କୁମାର ଧଳ, ସୁରଞ୍ଜନ ନାୟକ, ଗୋପୀନାଥ ନାୟକ, ମଧୁସୂଦନ ଗିରି, ଦୟାନିଧି ରଣା, ଖଗେନ୍ଦ୍ର ଦାଶଙ୍କ ସମେତ ବହୁ ଚାଷୀ ଜଣାଇଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

### ବିଜ୍ଞାପନ

**No. n-33:-** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ **୨୦୨୧-୨୨** ଶିକ୍ଷାବର୍ଷ ପାଇଁ **୨୫୦** ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ/ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ୨୫୦ ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

**ସ୍ୱାକ୍ଷର**
**ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ**
**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ**

OIPR-27029/11/0003/2021

